# Akashvani, Sambalpur

## SAMBALPURI NEWS EVENING BULLETIN

## 14 November 2025- 7.02 pm- 7.12 pm.

*******************************************

୧- ନୂଆପଡ଼ା ବିଧାନ୍‌ସଭା ଉପନିର୍ବାଚନ୍‌ଥି ଜିତ୍‌ଲେ ବିଜେପି ପ୍ରାର୍ଥୀ ଜୟ ଢୋଲ୍‌କିଆ ।

- ୨ ନମ୍ବର୍‌ଥି କଂଗ୍ରେସ୍‌ର ଘାସିରାମ୍ ମାଝୀ ଆର୍ ୩ ନମ୍ବର୍‌ଥି ବିଜେଡ଼ି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ।

୨- ଶିକ୍ଷାକେ ପ୍ରଭାବଶାଲୀ କର୍‌ବାର୍ ଦିଗେ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ଗୁଟେ ନିର୍ଣ୍ଣାୟକ ଭୂମିକା ନେବା- କହେଲେ ମୁଖ୍ୟମନ୍ତ୍ରୀ ।

୩- ଦେଶର୍ ଅର୍ଥନୈତିକ୍ ବ୍ୟବସ୍ଥାକେ ବର୍‌କସ୍ କର୍‌ବାର୍ ଲକ୍ଷ୍ୟ ନେଇକରି ରାଏଜେ ମୁଲ୍ ହେଲା ସମବାୟ ସପ୍ତାହ ।

ଆଉର୍

୪- ଜୀବନ୍‌ର ଭିନ୍ ଭିନ୍ ସମିଆଥି ମଧୁମେହର୍ ବାର୍ତା ନେଇକରି ପାଲନ୍ ହେଉଛେ ବିଶ୍ୱ ମଧୁମେହ ଦିବସ୍ ।

ନୂଆପଡ଼ା ବିଧାନସଭା ଭୋଟ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ବିଧାନ ସଭା ଉପନିର୍ବାଚନରୁ ବିଜେପି ପ୍ରାର୍ଥୀ ଜୟ ଢୋଲ୍‌କିଆ ବିଜୟୀ ହେଇଛନ୍ । ଶ୍ରୀ ଢୋଲ୍‌କିଆଙ୍କୁ ମୋଟ୍ ୧ ଲାଖ୍ ୨୩ ହଜାର୍ ୮ ଶହ ୬୯ ଭୋଟ୍ ମିଲିଥିଲା ବେଲ୍‌କେ କଂଗ୍ରେସ୍‌ର ଘାସିରାମ୍ ମାଝୀ ୪୦ ହଜାର୍ ଶହେ ୨୧ ଭୋଟ୍ ପାଇକରି ୨ ନମ୍ବର୍ ଠାନେ ରହିଛନ୍ । ସେନ୍ତା ବିଜୁ ଜନତା ଦଲର୍ ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ୩୮ ହଜାର୍ ୪ ଶହ ୮ ଭୋଟ୍ ପାଇକରି ୩ ନମ୍ବର୍ ଠାନେ ରହିଛନ୍ । ନୋଟାରୁ ୨ ହଜାର୍ ୨ ଶହ ୪୮ ଭୋଟ୍ ପଡ଼ିଛେ । ଇ ବାବ୍‌ଦେ ଆମର୍ ନୂଆପଡ଼ା ସମ୍ବାଦଦାତାଙ୍କର୍ ରିପୋର୍ଟ...

(ଭଏସ୍ ଓଭର୍-ନୂଆପଡ଼ା ସମ୍ବାଦଦାତା)

ବିହାର୍ ବିଧାନ୍‌ସଭା ନିର୍ବାଚନ୍ ସହେତେ ୮ ଟା ବିଧାନ୍‌ସଭାର୍ ନିର୍ବାଚନ୍ ମଣ୍ଡଲୀ ନ ହେଇଥିବା ନିର୍ବାଚନ୍‌ର ଭିଲ୍ ଆଏଜ୍ ଗନ୍‌ତି ହେଇଥିଲା । ବିହାର୍‌ର ୨ ଶହ ୪୩ ଟା ବିଧାନ୍‌ସଭା ଆସନ୍ ନ ହେଇଥିବା ନିର୍ବାଚନ୍‌ରୁ ଖବର୍ ଲେଖା ହେବାର୍‌ତକ୍ ଏନ୍‌ଡିଏ ୨ ଶହ ୩ ଟା ଆସନ୍‌ରୁ ଆଗାଡ଼େ ଥିବାର୍ ବେଲେ ମହାଗଠବନ୍ଧନ୍ ୩୪ ଟା ଆସନ୍ ଆଉ ଅଲ୍‌ଗା ଦଲ୍‌ମାନେ ୬ ଟା ଆସନ୍ ଆଗାଡ଼େ ରହିଛନ୍ ।

ଗୋଦାବରିଶ ଆଦର୍ଶ ବିଦ୍ୟାଳୟ ଲୋଗୋ I&PR

ଶିକ୍ଷାକେ ଆକର୍ଷଣୀୟ ଆଉ ପ୍ରଭାବଶାଲୀ କର୍‌ବାର୍ ଲାଗି ଗୋଦାବରିଶ ଆଦର୍ଶ ବିଦ୍ୟାଳୟ ଗୁଟେ ନିର୍ଣ୍ଣାୟକ ଭୂମିକା ନେବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ଗୋଦାବରିଶ୍ ଆଦର୍ଶ ବିଦ୍ୟାଳୟ ଯୋଜ୍‌ନାର୍ ଲୋଗୋ ଉନ୍ମୋଚନ୍ କରିକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ - ଇ ଲୋଗୋ ଓଡ଼ିଆ ସଂସ୍କୃତି ଆଉ ବିଶିଷ୍ଟ ଶିକ୍ଷାବିତ୍ ପଣ୍ଡିତ୍ ଗୋଦାବରିଶ୍ ମିଶ୍ରଙ୍କର୍ ଆଦର୍ଶର୍ ପ୍ରତୀକ୍ ଆଏ ବଲି କହିଛନ୍ । ଯୋଜ୍‌ନାଥି ପହେଲା ଖେପେ ୨୦୨୫-୨୬ ନୁ ୨୦୨୮-୨୯ ଆର୍ଥିକ୍ ବଛ୍‌ରେ ୨ ହଜାର୍ ୨ ଶହ ବିଦ୍ୟାଳୟ ଲାଗି ପାଖାପାଖି ୧୨ ହଜାର୍ କୋଟି ଟଙ୍କା ଖର୍ଚ୍ଚା କରାଯିବା । କାର୍ଯ୍ୟକ୍ରମ୍‌ଥି ବିଦ୍ୟାଳୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ୍ ଦେଇକରି ଗୋଦାବରିଶ ଆଦର୍ଶ ବିଦ୍ୟାଳୟ ଯୋଜ୍‌ନା ସବୁ ଛୁଆମାନ୍‌କର୍ ଲାଗି ଶିକ୍ଷାକେ ସହଜ୍ ଭାବେ ଯୁଗେଇ ଦେବାର୍ ଲାଗି ଗୁଟେ ସଂକଳ୍ପ ଆଏ ବଲି କହିଛନ୍ ।

+୨ ପରୀକ୍ଷା ଆର୍‌ଏନ୍‌ୟୁ/ ସମ୍ବଲପୁର

ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ୍ ପରିଚାଳିତ୍ ଯୁକ୍ତ ୨ ଇଂଟର୍‌ନାଲ୍ ପରୀକ୍ଷା ଆଏବା ମାସ ୨୨ ତାରିଖ୍‌ନୁ ୩୧ ତାରିଖ୍‌ତକ୍ ହେବା । ଇଂଟର୍‌ନାଲ୍ ଆଉ ପ୍ରୋଜେକ୍ଟ୍ ପରୀକ୍ଷାକେ ଠିକ୍ ଭାବେ ପରିଚାଳନା କର୍‌ବାର୍‌କେ ବିଭାଗ୍ ତର୍‌ଫୁ ମାର୍ଗଦର୍ଶିକା ଜାରି କରାଯାଇଛେ । ରେଗୁଲାର୍ ଛାତ୍ରଛାତ୍ରୀମାନେ ଇ ପରୀକ୍ଷା ଦେଇପାର୍‌ବେ ବଲି ପରିଷଦ୍ ତର୍‌ଫୁ କୁହାଯାଇଛେ ।

ଜାତୀୟ ଫରେନ୍‌ସିକ୍ ବିଜ୍ଞାନ୍ ବିଶ୍ୱବିଦ୍ୟାଳୟ I&PR

ଓଡ଼ିଶାର୍ ଖୋର୍ଦ୍ଧା ଜିଲ୍ଲାର୍ ଜଟଣୀ ନ ଥାପ୍‌ନା ହେବାର୍‌କେ ଥିବା ଜାତୀୟ ଫରେନ୍‌ସିକ୍ ବିଜ୍ଞାନ୍ ବିଶ୍ୱବିଦ୍ୟାଳୟକେ ନେଇକରି ଗୃହ ବିଭାଗ୍ ତର୍‌ଫୁ ଆଏଜ୍ ଗୁଟେ ବୈଠକ୍ ହେଇଯାଇଛେ । ବିଭାଗ୍‌ର ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ସତ୍ୟବ୍ରତ ସାହୁ ବୈଠକ୍‌ଥି ଅଧ୍ୟକ୍ଷତା କରିକରି ବିଶ୍ୱବିଦ୍ୟାଳୟ ଥାପ୍‌ନାର୍ ଅଗ୍ରଗତି ବାବ୍‌ଦେ ସମୀକ୍ଷା କରିଛନ୍ ।

ବିଦ୍ୟୁତ୍ ଯୋଗାଣ ବନ୍ଦ୍ ସମ୍ବଲପୁର ସମ୍ବାଦଦାତା

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ୍ ନିଗମ୍ ଲିମିଟେଡ୍- ଓପିଟିସିଏଲ୍ ତର୍‌ଫୁ ଶହେ ୩୨ / ୩୩ କେଭି ରେଢ଼ାଖୋଲ୍ ଗ୍ରୀଡ୍

ସବ୍‌ଷ୍ଟେସନ୍ ନ ଆଏବା ୧୬ ତାରିଖ୍ ବାର୍ଷିକ୍ ମରାମତି କାମ୍ କରାଯିବା । ଇଥିର୍‌ଲାଗି ଜିଲ୍ଲାର୍ ରେଢ଼ାଖୋଲ୍, କଦ୍‌ଲିଗଡ଼୍, ବାଟଗାଁ, ନାକ୍ଟିଦେଉଲ୍, ଚାର୍‌ମାଲ୍, ଚିଚିଣ୍ଡା, ଲୁହାପଙ୍କ, ଢଇଁଚା, ଜାମ୍‌ଜୋରି ଆର୍ ତାର୍ ପାଖର୍ ଇଲାକା ନ ରଏବାର୍ ଦିନର୍ ସଖାଲର୍ ୮ ବଜେନୁ ୫ ବଜେତକ୍ ବିଦ୍ୟୁତ୍ ଯୋଗାଣ ବନ୍ଦ୍ ରହେବା ।

ସମବାୟ ସପ୍ତାହ I&PR

ଦେଶର୍ ଅର୍ଥନୈତିକ୍ ବ୍ୟବସ୍ଥାକେ ସୁଦୃଢ଼ କର୍‌ବାର୍‌କେ ସମବାୟ ଅନୁଷ୍ଠାନ୍‌ମାନ୍‌କର୍ ବଡ଼ ଭୂମିକା ରହିଛେ । ୭୨ ତମ ନିଖିଳ ଭାରତ ସମବାୟ ସପ୍ତାହ ଆଏଜ୍‌ଠାନୁ ମୁଲ୍ ହେଇଛେ । ଇ ଅବ୍‌ସରେ ଗୁଟେ ସଚେତନତା ଗଣଦୌଡ଼ ଆଉ ରାଜ୍ୟସ୍ତରୀୟ ସମବାୟ ପତାକା ଉତୋଲନ୍ ଉତ୍ସବ୍ ଭୁବ୍‌ନେଶ୍ୱର୍ ସମବାୟ ଭବନ୍ ଠାନେ ହେଇଯାଇଛେ । ଗଣଦୌଡ଼କେ ସମବାୟ ଆଉ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ୍ ବଲସାମନ୍ତ ଶୁଭାରମ୍ଭ କରିଥିଲେ । ଭୁବ୍‌ନେଶ୍ୱର୍ ରାମ୍‌ମନ୍ଦିର୍ ଛକ୍ ସେଂଟ୍ ଯୋଶେଫ୍ ସ୍କୁଲ୍ ଠାନୁ ସମବାୟ ଭବନ୍ ତକ୍ ଇ ଗଣଦୌଡ଼ ଯାଇଥିଲା ।

ବିଶ୍ୱ ମଧୁମେହ ଦିବସ ଆର୍‌ଏନ୍‌ୟୁ/ ସ ମ୍ବଲପୁର

ଆଏଜ୍ ହେଉଛେ ବିଶ୍ୱ ମଧୁମେହ ଦିବସ୍ । ମଧୁମେହ ରୋଗ୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ୧୯୯୧ ମସିହାନୁ ଅନ୍ତର୍ଜାତୀୟ ମଧୁମେହ ସଂଘ ଆଉ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ୍ ତର୍‌ଫୁ ଫି' ବଛର୍ ଇ ଦିବସ୍ ପାଲନ୍ କରାଯାଉଛେ । ମଧୁମେହ ରୋଗର୍ ଉପଚାର୍ ଲାଗି ବେଭାର୍ ହଉଥିବା ଇନ୍‌ସୁଲିନ୍‌କେ ୧୯୨୧ ମସିହାଥି ବୈଜ୍ଞାନିକ୍ ସାର୍ ଫ୍ରେଡିକ୍ ବେଂଟିଙ୍ଗ୍ ଉଭାବନ କରିଥିଲେ । ତାଙ୍କର୍ ଜନମ୍‌ଦିନ୍‌କେ ସୁର୍‌ତା କର୍‌ବାର୍ ଲାଗି ନଭେ ମ୍ବର୍ ୧୪ ତାରିଖ୍ ଦିନ ବିଶ୍ୱ ମଧୁମେହ ଦିବସ୍ ପାଲନ୍ କରାଯାଉଛେ । ଇ ବଛର୍ ଇ ଦିବସ୍‌ର ବାର୍ତା ରହିଛେ 'ଜୀବନ୍‌ର ଭିନ୍ ଭିନ୍ ସମିଆଥି ମଧୁମେହ' । ରକ୍ତ ନ ସର୍କରା ମାତ୍ରା ବଢ୍‌ଲେ ଇ ରୋଗ୍ ହେସି । ମଧୁମେହ ରୋଗୀଙ୍କର୍ ରୋଗ ପ୍ରତିରୋଧକ୍ ଶକ୍ତି କମ୍‌ବାର୍ ସହେତେ ଦେହର୍ ଭିନ୍ ଭିନ୍ ଅଙ୍ଗ ଉପ୍‌ରେ ଇତାର୍ ପ୍ରଭାବ୍ ପଡ୍‌ସି । ପୁର୍‌ଥିର୍ ସବୁନୁ ଜହ ମଧୁମେହ ରୋଗୀମାନ୍‌କର୍ ଭିତ୍‌ରୁ ୧୭ ପ୍ରତିଶତ୍‌ନୁ ଅଏତ୍‌କା ରୋଗୀ ଭାରତ୍ ନ ଅଛନ୍ ।

ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗ୍ ସଦସ୍ୟ  ବଲାଙ୍ଗିର୍ ସମ୍ବାଦଦାତା

ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗ୍ ସଦସ୍ୟ ପ୍ରିୟବ୍ରତ ସାମନ୍ତରାୟ ଆଉ ପ୍ରେମ୍‌ଶିଳା କେର୍କେଟା ୩ ଦିନିଆ ବଲାଙ୍ଗିର୍ ଗସ୍ତଥି

ଆସିଛନ୍ । ସଦସ୍ୟ ମାନେ ଏନ୍.ଏଫ୍.ଏସ୍.ଏ. ଅଧୀନ୍‌ଥି ଥିବା କାର୍ଯ୍ୟକ୍ରମ୍, ଓଡ଼ିଶା ରାଜ୍ୟ ଖାଦ୍ୟ ସୁରକ୍ଷା ନିୟମାବଲୀ -୨୦୨୦, ଓଡ଼ିଶା ରାଜ୍ୟ ଖାଦ୍ୟ ସୁରକ୍ଷା ସଂଶୋଧନ୍ ନିୟମାବଲୀ ୨୦୨୨ ର କାର୍ଯ୍ୟକାରିତାର୍ ତଦାରଖ୍ କରିଛନ୍ । ସଦସ୍ୟମାନେ ଆଏଜ୍ ତୁରେକେଲା ବ୍ଲକ୍ ଚାଉଲ୍‌ସୁଖା ଆଶ୍ରମ୍ ବିଦ୍ୟାଳୟ ବୁଲ୍‌ବାର୍ ସହେତେ ପିଡ଼ିଏସ୍ ବ୍ୟବସ୍ଥା ବାନ୍ଧନ୍‌ପାଲି ଆଶ୍ରମ୍ ବିଦ୍ୟାଳୟ, କଂଟାବାଞ୍ଜି ସ୍ୱାସ୍ଥ୍ୟ କେନ୍ଦ୍ର ନ ଥିତି ସମୀକ୍ଷା କରିଛନ୍ ।

ଏକତା ପଦଯାତ୍ରା ବର୍‌ଗଡ଼୍ ସମ୍ବାଦଦାତା

ସର୍ଦ୍ଦାର୍ ବଲ୍ଲଭ୍ ଭାଇ ପଟେଲ୍‌ଙ୍କର୍ ଶହେ ୫୦ ନମ୍ବର୍ ଜୟନ୍ତୀ ସ୍ମାରକୀ ବଛର୍ ଆଉ ଏକ୍‌ତା ଦିବସ୍ ଅବ୍‌ସରେ ଆଏଜ୍ ବର୍‌ଗଡ଼୍ ନ ଗୁଟେ ଏକତା ପଦଯାତ୍ରା ଆୟୋଜିତ୍ ହେଇଥିଲା । ପଦଯାତ୍ରା ସହରର୍ ମିନି ଷ୍ଟାଡ଼ିୟମ୍ ନୁ ବାହାରିକରି ନଗର୍ ପରିକ୍ରମା କର୍‌ବାର୍ ସହେତେ ଫେର୍ ମିନିଷ୍ଟାଡ଼ିୟମ୍‌କେ ଫିରିଥିଲା । ପଦଯାତ୍ରାକେ ବର୍‌ଗଡ଼୍ ସାଂସଦ୍ ପ୍ରଦୀପ୍ ପୁରୋହିତ୍ ଶୁଭାରମ୍ଭ କରିଥିଲେ । ଇ ଅବ୍‌ସରେ ପଦ୍ମଶ୍ରୀ ଡକ୍ଟର୍ ହଲ୍‌ଧର୍ ନାଗ୍, ଜିଲ୍ଲାପାଲ୍ ଆଦିତ୍ୟ ଗୋୟଲ୍, ଆରକ୍ଷୀ ଅଧିକ୍ଷକ୍ ପ୍ରହଲ୍ଲାଦ୍ ସହାୟ ମୀନା ଆଉ ଅଲ୍‌ଗା ମାନେ ଉପସ୍ଥିତ୍ ଥିଲେ ।

ଜନଜାତୀୟ ଗୌରବ ବର୍ଷ ପଖଓ୍ଵାଡ଼ା     ଦେବ୍‌ଗଡ଼୍ ସମ୍ବାଦଦାତା

କେନ୍ଦ୍ର ସର୍‌କାର୍‌ଙ୍କର୍ ଆଦି କର୍ମଯୋଗୀ ଅଭିଯାନ୍‌ଥି ଦେବ୍‌ଗଡ଼୍ ଜିଲ୍ଲା ବଣିଆକିଲିଣ୍ଡା ପଂଚାୟତ୍ କଳାମାଟି ଗାଁ ନ ଜନଜାତୀୟ ଗୌରବ ବର୍ଷ ପଖଓ୍ଵାଡ଼ା କାର୍ଯ୍ୟକ୍ରମ୍ ହେଇଯାଇଛେ । ଇ ଅବ୍‌ସରେ ଗୁଟେ ସଚେତନତା ସଭା ସହେତେ ଅଭିଯୋଗ୍ ଶୁଣାଣି ହେଇଯାଇଛେ । ଶିବିର୍‌ଥି ପାଖାପାଖି ୬୦ ଝନ୍ ଜନଜାତି ବର୍ଗର୍ ହିତାଧିକାରୀ ଭାଗ୍ ନେଇଥିଲେ । ସେମାନ୍‌କର୍ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବାର୍ ସହେତେ ଆଧାର୍ କାର୍ଡ଼ ସଂଶୋଧନ୍ କରାଯାଇଥିଲା । ସେନ୍ତା ବିତିୟ ସାକ୍ଷରତା ସଚେତନତା ଶିବିର ଜରିଏ ପ୍ରଧାନ୍‌ମନ୍ତ୍ରୀ ଜନଧନ୍ ଯୋଜ୍‌ନାଥି ୧୨ ଝନ୍‌କର୍ ଜମା ଖାତା ଖୁଲାଯାଇଥିଲା ।

ସାନ୍ତରା ରସ ପ୍ରକ୍ରିୟାକରଣ କେନ୍ଦ୍ର     ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲା ରିଆମାଲ୍ ବ୍ଲକ୍ ବୁଢ଼ାପାଲ୍ ଠାନେ ସାନ୍ତରା ରସ ପ୍ରକ୍ରିୟାକରଣ କେନ୍ଦ୍ର ଉଦ୍‌ଘାଟିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ୍ ମୁଖ୍ୟ ଉନ୍ନୟନ୍ ଅଧିକାରୀ ରାଜେନ୍ଦ୍ର କୁମାର୍ ମିଞ୍ଜ୍ ଯୋଗ୍ ଦେଇକରି କେନ୍ଦ୍ରକେ ଉଦ୍‌ଘାଟନ୍ କରିଛନ୍ । ଇ କେନ୍ଦ୍ର ଜରିଏ ଚାଷୀମାନ୍‌କର୍‌ନୁ ସାନ୍ତରା ଠୋଲ୍ କରିକରି ରସ୍ ବିକ୍ରି

କରାଯିବା । ଜିଲ୍ଲା ନ ବହୁତ୍‌ଟେ ସାନ୍ତରା ଚାଷ୍ ହେଉଥିବାର୍ ବେଲେ ଭିନ୍ ଭିନ୍ ସମିଆଥି ଚାଷୀମାନେ ଅଭାବୀ ବିକ୍ରିର୍ ଶିକାର୍ ହଉଥିବାର୍ ନଜର୍‌କେ ଆସିଥିଲା । ଇ ପ୍ରକ୍ରିୟାକରଣ୍ ଥାପ୍‌ନା ହେବାର୍‌ନୁ ଚାଷୀମାନ୍‌କର୍ ସମସ୍ୟା ଦୂର୍ ହେବା ବଲି ଆଶା କରାଯାଉଛେ ।

ମତ୍ସ୍ୟ ଆଉ ପ୍ରାଣୀସମ୍ପଦ୍ ମେଳା ଝାର୍‌ସୁଗୁଡ଼ା

ସମ୍ବାଦଦାତା

ଝାର୍‌ସୁଗୁଡ଼ା ଜିଲ୍ଲା ଲଖନ୍‌ପୁର୍ ନ ବ୍ଲକ୍ ସ୍ତରୀୟ ମତ୍ସ୍ୟ ଆଉ ପ୍ରାଣୀସମ୍ପଦ୍ ମେଳା ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ବିଭାଗ୍ ଜରିଏ ଦିଆଯାଉଥିବା ଭିନ୍ ଭିନ୍ ଯୋଜ୍‌ନା ମାନ୍‌କର୍ ବାବ୍‌ଦେ ବୁଝେଇଥିଲେ । ସର୍‌କାର୍‌ଙ୍କର୍ ସବୁ ଯୋଜ୍‌ନା ଲୁକ୍‌କର୍ ପାଖ୍‌କେ ଠିକ୍ ଭାବେ ପୁହୁଁଚାବାର୍ ଲାଗି ମନ୍ତ୍ରୀ ଶ୍ରୀ ପୂଜାରୀ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ ଦେଇଛନ୍ । ମତ୍ସ୍ୟ ଆଉ ପ୍ରାଣୀପାଳନ୍ କରିକରି ସ୍ୱାବଲମ୍ବୀ ହେଇଥିବା ଚାଷୀମାନ୍‌କୁ ଇ ଅବ୍‌ସରେ ଶ୍ରୀ ପୂଜାରୀ ପୁରସ୍କୃତ୍ କରିଛନ୍ ।

## ସୁକନ୍ୟା ସମୃଦ୍ଧି ଯୋଜ୍‌ନା ଝାର୍‌ସୁଗୁଡ଼ା ସମ୍ବାଦଦାତା

ସଂଚୟ ପକ୍ଷ ଆଉ ଶିଶୁ ଦିବସ୍ ଅବ୍‌ସରେ ଝାର୍‌ସୁଗୁଡ଼ା ଜିଲ୍ଲା ସଂଚୟ ଆଉ ଆର୍ଥିକ ସେବା ବିଭାଗ୍ ତର୍‌ଫୁ ପଂଚ୍‌ପଡ଼ା ଶିଶୁ ବିଦ୍ୟାମନ୍ଦିର୍ ନ ସୁକନ୍ୟା ସମୃଦ୍ଧି ଯୋଜ୍‌ନାକେ ନେଇକରି ଗୁଟେ କାର୍ଯ୍ୟକ୍ରମ୍ ହେଇଯାଇଛେ । ବିଭାଗ୍‌ର ଜିଲ୍ଲା ଅଧିକାରୀ ସୁମନା ପଣ୍ଡା ଯୋଗ୍ ଦେଇକରି ସୁକନ୍ୟା ସମୃଦ୍ଧି ଯୋଜ୍‌ନା ବାବ୍‌ଦେ ବୁଝେଇଥିଲେ ।

## ଆସ ସ୍କୁଲ୍ ଯିବା କାର୍ଯ୍ୟକ୍ରମ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ସର୍‌ସରା ଠାନେ ଜିଲ୍ଲାସ୍ତରୀୟ ଆସ ସ୍କୁଲ୍ ଯିବା କାର୍ଯ୍ୟକ୍ରମ୍ ହେଇଯାଇଛେ । ଜିଲ୍ଲା ଶିକ୍ଷା ଅଧିକାରୀ ଟେମ୍‌ଲାଲ୍ ଦୁବେଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ବିଧାୟକ୍ ସରୋଜ୍ କୁମାର୍ ପ୍ରଧାନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ‘ଗୁଟେ ଦେଶ୍ ଗୁଟେ ଶିକ୍ଷା’ ବ୍ୟବସ୍ଥା ବାବ୍‌ଦେ ବୁଝେଇଥିଲେ । ଜିଲ୍ଲାପାଳ୍ ବିଭୂତି ଭୂଷଣ୍ ନାୟକ୍ ଯୋଗ୍ ଦେଇକରି ଶିକ୍ଷା ଉପ୍‌ରେ ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ଯୋଜ୍‌ନା ବାବ୍‌ଦେ ବୁଝେଇଥିଲେ । ଇ ଅବ୍‌ସରେ ଛାତ୍ରଛାତ୍ରୀମାନେ ଆସ ସ୍କୁଲ୍ ଯିବା ବିଷୟକେ ନେଇକରି ଗୁଟେ ପଥପ୍ରାନ୍ତ ନାଟକ୍ ପ୍ରଦର୍ଶନ୍ କରିଥିଲେ ।

ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଲା ବୌଦ୍ଧ ସମ୍ବାଦଦାତା

ବୌଦ୍ଧ କଚ୍‌ରୀ ପଡ଼ିଆ ଠାନେ ଆଏବା ମାସ ୨ ନୁ ୬ ତାରିଖ୍‌ତକ୍ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଲା ଆୟୋଜନ୍ କରାଯିବା । ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାୟକଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଗୁଟେ ବୈଠକ୍‌ଥି ଇ ନିଷ୍ପତି ନିଆଯାଇଛେ । ମେଲାଥି କୃଷି ବିଭାଗ୍ ତର୍‌ଫୁ ୪୦ ଟା ଷ୍ଟଲ୍ ଖୁଲାଯିବା । ତାର୍ ଆଘୋନୁ କୃଷି ମେଲା ବାବ୍‌ଦେ ପ୍ରଚାର୍ ପ୍ରସାର୍ କର୍‌ବାର୍ ଲାଗି ୩ ଟା ବ୍ଲକ୍ ନ ୩ ଟା ସଚେତନତା ରଥ ବୁଲ୍‌ବା । ମେଲାକେ ସଫଲ୍ କର୍‌ବାର୍ ଲାଗି ସବୁ ବିଭାଗ୍ ମିଲିମିଶି କାମ୍ କର୍‌ବାର୍‌କେ ଜିଲ୍ଲାପାଲ୍ - ଅଧିକାରୀମାନ୍‌କୁ ଆହ୍ୱାନ୍ ଦେଇଛନ୍ ।